# ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍

# ବନାମ

# ଭାରତ ସଂଘ

# ନଭେମ୍ବର 20, 2002

# [ସୟଦ ଶାହ ମହମ୍ମଦ କାଦ୍ରୀ ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944:*

*ପ୍ରଥମ ଅନୁସୂଚୀ - ବିଷୟ 26 - ଉତ୍ପାଦ ଶୁଳ୍କ - ଇସ୍ପାତ ଧାତୁପିଣ୍ଡଗୁଡ଼ିକ - ଇସ୍ପାତ ଟୁକୁରା ଖଣ୍ଡକୁ ତରଳାଇ ତିଆରି କରାଯିବା - 1/3/1964 ର ଅଧିସୂଚନା ସଂଖ୍ୟା 53/64 ଅନୁଯାୟୀ ଅବ୍ୟାହତିର ସୁବିଧା ପାଇବା ପାଇଁ ଟିକସଦାତାଙ୍କ ଦାବି - ରାଜସ୍ୱ ବିଭାଗ ଦ୍ୱାରା କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ଦାବୀକୁ ଗ୍ରହଣ କରାନଯିବା - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ତିଆରି କରାଯାଇଥିବା ବ୍ଲୁମର ଛୋଟ ଛୋଟ ଖଣ୍ଡ ଯାହାକୁ ତରଳ ଟୁକୁରା ଖଣ୍ଡରେ ପରିଣତ କରାଯାଇଥିଲା, ତାହାକୁ ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ଇସ୍ପାତ ଧାତୁପିଣ୍ଡଗୁଡ଼ିକର ଉତ୍ପାଦନ କରିବାରେ ବ୍ୟବହାର କରାଯାଇଥିଲା - ତେଣୁ, ସେହି ସୀମା ପର୍ଯ୍ୟନ୍ତ ଅଧିସୂଚନାର ଆବଶ୍ୟକତା ପୂରଣ ହୋଇଛି - ଟିକସଦାତା ଉତ୍ପାଦ ଶୁଳ୍କର ସେତିକି ପରିମାଣ ସମ୍ବନ୍ଧରେ ଅଧିସୂଚନା ଅନୁଯାୟୀ ଅବ୍ୟାହତିର ସୁବିଧା ପାଇବା ପାଇଁ ହକଦାର ଅଟନ୍ତି, ଯେତିକି ପରିମାଣ ବିଷୟ 26 ଅନୁସାରେ ଏପରି ତରଳ ଟୁକୁରା ଖଣ୍ଡ ଉପରେ ଦେୟ କରାଯାଇଥିବାର ପ୍ରମାଣିତ ହେଉଥିବ।*

*ଶବ୍ଦ ଏବଂ ବାକ୍ୟାଂଶ:*

*ତରଳ ଟୁକୁରା ଖଣ୍ଡ - ତାହାର ଅର୍ଥ*

*ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍ ବନାମ ସେଣ୍ଟ୍ରାଲ ଏକ୍ସାଇଜ୍ କଲେକ୍ଟର,* **[1995] 75 E.L.T. 3 ମାମଲା ଉପରେ ନିର୍ଭର କରାଯାଇଥିଲା।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 10577/1995।

ଏଲ୍.ପି.ଏ. ସଂଖ୍ୟା 15/1986 (ଆର୍) ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 17.7.1986 ର ରାୟ ଏବଂ ଆଦେଶରୁ ଆବେଦନ।

ସହିତ

ଦେୱାନୀ ଆବେଦନ ସଂଖ୍ୟା 10578, 10579, 10580/95 ଏବଂ 7682/1996 ।

ଆବେଦନକାରୀଙ୍କ ତରଫରୁ ଯୋଶେଫ୍ ଭେଲ୍ଲାପଲ୍ଲୀ, ରାଜନ୍ ନାରାୟଣ, ଅମିତ୍ ଭଗତ୍ ଏବଂ ଅଜୟ ଅଗ୍ରୱାଲ ।

ଉତ୍ତରଦାତାଙ୍କ ତରଫରୁ ଟି. ଏଲ୍. ଭି. ଆୟର୍, ଏନ୍. କେ. ବାଜପେୟୀ, ରାଜୀବ ନନ୍ଦା ଏବଂ ବି. କେ. ପ୍ରସାଦ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଆବେଦନଗୁଡ଼ିକ ଏକ ସାଧାରଣ ପ୍ରଶ୍ନ ଉତ୍ଥାପନ କରେ: ଆବେଦନକାରୀମାନେ ମାର୍ଚ୍ଚ 1, 1964 ର ଅଧିସୂଚନା ସଂଖ୍ୟା 53/64 ର ସୁବିଧା ପାଇବାକୁ ହକଦାର କି ନୁହେଁ, ଯାହା, ଯେପରି କାଗଜ ପୁସ୍ତକରେ ଉଦ୍ଧୃତ ହୋଇଛି, ନିମ୍ନରେ ଦିଆଯାଇଛି:

"ଅଧିସୂଚନା

ଜି.ଏସ୍.ଆର୍. I କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1944 ର ନିୟମ 8 ର ଉପନିୟମ (1) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944 (1/1944) ର ପ୍ରଥମ ଅନୁସୂଚୀର ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ଇସ୍ପାତ ଧାତୁପିଣ୍ଡଗୁଡ଼ିକୁ, ଯାହା ବିଶେଷ ଭାବେ କିମ୍ବା ଅନ୍ୟ କୌଣସି ଟୁକୁରା ସାମଗ୍ରୀ ସହିତ ମିଶ୍ରଣରେ ତାଜା ଅବ୍ୟବହୃତ ତରଳ ଇସ୍ପାତ ଟୁକୁରା ଖଣ୍ଡରୁ ଉତ୍ପାଦିତ ହୁଏ, ଉତ୍ପାଦ ଶୁଳ୍କର ସେତିକି ପରିମାଣରୁ ଅବ୍ୟାହତି ଦିଏ, ଯେତିକି ପରିମାଣ ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ସେହିପରି ତାଜା ଅବ୍ୟବହୃତ ତରଳ ଇସ୍ପାତ ଟୁକୁରା ଖଣ୍ଡ ଉପରେ ଦେୟ କରାଯାଇଥିବାର ପ୍ରମାଣିତ ହେଉଥିବ, ଉଲ୍ଲେଖଥାଉକି ଏହି ଟୁକୁରା ଖଣ୍ଡ ସମ୍ବନ୍ଧରେ ଶୁଳ୍କରୁ କୌଣସି ବିୟୋଗର ଲାଭ ପୂର୍ବରୁ ହାସଲ କରାଯାଇନଥିବ" ।

ଅଧିସୂଚନାର ଏକ ସରଳ ଅଧ୍ୟୟନ ଏହା ଦର୍ଶାଏ ଯେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944 (1/1944) ର ପ୍ରଥମ ଅନୁସୂଚୀର ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ଇସ୍ପାତ ଧାତୁପିଣ୍ଡ ଉପରେ କେନ୍ଦ୍ର ସରକାର ସର୍ତ୍ତମୂଳକ ଅବ୍ୟାହତି ପ୍ରଦାନ କରିଥିଲେ । ଏହି

ଅବ୍ୟାହତି କିଛି ସର୍ତ୍ତାବଳୀ ଉପରେ ନିର୍ଭର କରେ ଯଥା: (1) ଇସ୍ପାତ ଧାତୁପିଣ୍ଡଗୁଡ଼ିକ ବିଶେଷ ଭାବେ କିମ୍ବା ଅନ୍ୟ କୌଣସି ଟୁକୁରା ସାମଗ୍ରୀ ସହିତ ମିଶ୍ରଣରେ ତାଜା ଅବ୍ୟବହୃତ ତରଳ ଇସ୍ପାତ ଟୁକୁରା ଖଣ୍ଡରୁ ଉତ୍ପାଦିତ ହେଉଥିବ, (2) ତାଜା ଅବ୍ୟବହୃତ ତରଳ ଇସ୍ପାତ ଟୁକୁରା ଖଣ୍ଡରୁ ଉତ୍ପାଦିତ ହେଉଥିବ: (a) ପ୍ରଥମ ଅନୁସୂଚୀର ଉକ୍ତ ବିଷୟ ସଂଖ୍ୟା 26 ଅନୁଯାୟୀ ଶୁଳ୍କ ଲାଗୁ ହୋଇଥିବ ଏବଂ (b) ଏହି ଟୁକୁରା ଖଣ୍ଡ ସମ୍ବନ୍ଧରେ ଶୁଳ୍କରୁ କୌଣସି ବିୟୋଗର ଲାଭ ପୂର୍ବରୁ ହାସଲ କରାଯାଇନଥିବ; ଏବଂ (3) ଅବ୍ୟାହତିର ପରିମାଣ, ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ସେହିପରି ତାଜା ଅବ୍ୟବହୃତ ତରଳ ଇସ୍ପାତ ଟୁକୁରା ଖଣ୍ଡ ଉପରେ ଦେୟ କରାଯାଇଥିବାର ପ୍ରମାଣିତ ହେଉଥିବା ଉତ୍ପାଦ ଶୁଳ୍କ ମଧ୍ୟରେ ସୀମିତ ରହୁଥିବ ।

ଆବେଦନକାରୀମାନେ ଏକ ବୃହତ ଦାବି କରିଥିଲେ । କିନ୍ତୁ ଆମ୍ଭ ସମ୍ମୁଖରେ ଏହି ଦାବି କେବଳ ଇସ୍ପାତ ଧାତୁପିଣ୍ଡଗୁଡ଼ିକ ଉପରେ ଦିଆଯାଉଥିବା ଅବ୍ୟାହତି ପର୍ଯ୍ୟନ୍ତ ଏହି ଆଧାରରେ ସୀମିତ ରହିଛି ଯେ, ପ୍ରଥମ ଅନୁସୂଚୀର ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ଇସ୍ପାତ ଧାତୁପିଣ୍ଡଗୁଡ଼ିକର ଉତ୍ପାଦନରେ ଯାହା ବ୍ୟବହୃତ ହୋଇଥିଲା ତାହା ତରଳ ଇସ୍ପାତ ଟୁକୁରା ଖଣ୍ଡ ଥିଲା ।

ପୁନଃରୀକ୍ଷଣରେ, ଆବେଦନକାରୀମାନଙ୍କ ଏହି ଦାବିକୁ ବିଭାଗୀୟ କର୍ତ୍ତୃପକ୍ଷ ତଥା କେନ୍ଦ୍ର ସରକାର ଅସ୍ୱୀକାର କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନକାରୀମାନଙ୍କ ଦ୍ୱାରା ଦାୟର କରାଯାଇଥିବା ଆଜ୍ଞାଦେଶ ପିଟିସନଗୁଡ଼ିକରେ, ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତି, *ଅନ୍ୟାନ୍ୟ ବିଷୟ ମଧ୍ୟରେ*, ରାୟ ଦେଇଥିଲେ ଯେ:

> "ଏହି ଯୁକ୍ତିକୁ ସ୍ୱୀକାର କରିବା କଷ୍ଟକର ଯେ ଇସ୍ପାତ ଧାତୁପିଣ୍ଡର ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥିବା ବ୍ଲୁମର ଛୋଟ ଛୋଟ ଖଣ୍ଡ ଉପରେ ମଧ୍ୟ ଅବ୍ୟାହତି ଦିଆଯିବ । ଏହିପରି ବ୍ଲୁମର ଛୋଟ ଛୋଟ ଖଣ୍ଡ ଏହି ବର୍ଣ୍ଣନା ସହିତ ମେଳ ଖାଉନାହିଁ ଏବଂ ଅଧିସୂଚନା ଅଧୀନରେ ଦିଆଯାଇଥିବା ଉପାଦାନଠାରୁ ପ୍ରକୃତିରେ ଏଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅଟେ" ।

ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟ ଯେଉଁ ଉପସଂହାରରେ ପହଞ୍ଚିଛନ୍ତି, ତାହା ଦୁଇଟି କାରଣ ଯୋଗୁଁ ବଜାୟ ରହିପାରିବ ନାହିଁ । ପ୍ରଥମତଃ, ପୁନଃରୀକ୍ଷଣ କର୍ତ୍ତୃପକ୍ଷ, ଯଥା, କେନ୍ଦ୍ର ସରକାର, 1979 ମସିହା ସେପ୍ଟେମ୍ବର 7 ତାରିଖର ଏହାର ଆଦେଶରେ ଦର୍ଶାଇଥିଲେ,

> "ସେଥିପାଇଁ, ପିଟିସନକାରୀମାନେ ଯାହା ପ୍ରାପ୍ତ କରିଥିଲେ ତାହା ପିଟିସନକାରୀ ପଠାଇଥିବା ମୂଳ ରୂପରେ ଥିବା ସମାନ ସାମଗ୍ରୀ ନଥିଲା, ବରଂ କେବଳ ଶୁଳ୍କ-ପ୍ରଦତ୍ତ ବ୍ଲୁମର ଏକ ବିକୃତ କିମ୍ବା ଛୋଟ ଆକାରର ରୂପ ଥିଲା, ଯାହାକୁ ତରଳ ଇସ୍ପାତ ଟୁକୁରା ଖଣ୍ଡରେ ପରିଣତ କରାଯାଇଥିଲା"।

ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତକୁ ଦୃଷ୍ଟିରେ ରଖିନାହାନ୍ତି । ଦ୍ୱିତୀୟତଃ, *ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍ ବନାମ ସେଣ୍ଟ୍ରାଲ ଏକ୍ସାଇଜ୍ କଲେକ୍ଟର,* (1995) 75 E.L.T. 3 ନାମକ ଆବେଦନକାରୀଙ୍କ ନିଜ ମାମଲାରେ ଏହି ନ୍ୟାୟାଳୟଙ୍କ ରାୟକୁ ଦୃଷ୍ଟିରେ ରଖିଲେ, ଟୁକୁରା ଖଣ୍ଡକୁ, ଏପରିକି ବ୍ଲୁମକୁ ତରଳାଇବା ମଧ୍ୟ ଅଧିସୂଚନାର ଆବଶ୍ୟକତାକୁ ପୂରଣ କରେ।

ଉପରୋକ୍ତ ମାମଲାରେ, 'ତରଳ ଟୁକୁରା ଖଣ୍ଡ' ର ସଂଜ୍ଞାକୁ ବିଚାରକୁ ନେଇ, ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ ବିଲେଟ୍ କିମ୍ବା ବ୍ଲୁମର ଟୁକୁରା ଖଣ୍ଡ, ବିଷୟ ସଂଖ୍ୟା 26AA ଅଧୀନରେ ଆସୁଥିବା ଅର୍ଦ୍ଧ-ନିର୍ମିତ ଉତ୍ପାଦ ସହିତ ସମାନ ହେବ ନାହିଁ। ସେଥିପାଇଁ, ଏହା କୁହାଯିବ ଯେ ବ୍ଲୁମର ଛୋଟ ଛୋଟ ଖଣ୍ଡଗୁଡ଼ିକ, ଯାହାକୁ ତରଳ ଟୁକୁରା ଖଣ୍ଡରେ ପରିଣତ କରାଯାଇଥିଲା, ତାହାକୁ ପ୍ରଥମ ଅନୁସୂଚୀର ବିଷୟ ସଂଖ୍ୟା 26 ଅଧୀନରେ ଆସୁଥିବା ଇସ୍ପାତ ଧାତୁପିଣ୍ଡଗୁଡ଼ିକର ତିଆରିରେ ବ୍ୟବହାର କରାଯାଇଥିଲା, ତେଣୁ ସେହି ସୀମା ପର୍ଯ୍ୟନ୍ତ ଉକ୍ତ ଅଧିସୂଚନାର ଆବଶ୍ୟକତା ପୂରଣ ହୋଇଛି । ସେଥିପାଇଁ, ଆବେଦନକାରୀମାନେ ଉତ୍ପାଦ ଶୁଳ୍କର ସେତିକି ପରିମାଣ ସମ୍ବନ୍ଧରେ ଅଧିସୂଚନା ଅନୁଯାୟୀ ଅବ୍ୟାହତିର ସୁବିଧା ପାଇବା ପାଇଁ ହକଦାର ଅଟନ୍ତି, ଯେତିକି ପରିମାଣ ବିଷୟ ସଂଖ୍ୟା 26 ଅନୁସାରେ ଏପରି ତରଳ ଟୁକୁରା ଖଣ୍ଡ ଉପରେ ଦେୟ କରାଯାଇଥିବାର ପ୍ରମାଣିତ ହେଉଥିବ।

ତଦନୁସାରେ, ଆପତ୍ତି କରାଯାଇଥିବା ଆଦେଶଗୁଡ଼ିକୁ ବାତିଲ କରାଯାଇଛି ଏବଂ ଦେୱାନୀ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ।

ଆର୍. ପି. ଆବେଦନଗୁଡ଼ିକୁ ଅନୁମତି ଦିଆଗଲା।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଅନୁବାଦକ :*

**ଅମରେଶ୍ୱର ମିଶ୍ର,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**